# ପ୍ରଗତି ପଥେ : ଢେଙ୍କାନାଳ

ସଚ୍ଚିଦାନନ୍ଦ ବେହେରା

ପାହାଡ଼ ପର୍ବତ ଘେରା ପ୍ରାକୃତିକ ସବୁଜିମାରେ ବିମଣ୍ଡିତ ଢେଙ୍କାନାଳ ଜିଲ୍ଲାର ବନ, ଭୂଇଁ, ପ୍ରାନ୍ତର, ଝରଣା, କଳା-ସାହିତ୍ୟ, ଧର୍ମ-ସଂଗୀତ, କୃଷି, ଶିଳ୍ପ ଓ ବାଣିଜ୍ୟ ଇତ୍ୟାଦି ପ୍ରତ୍ୟେକ ବିଭବରେ ପରିପୂର୍ଣ୍ଣ । ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀ ଚନ୍ଦ୍ରଶେଖର ଜୀଉ ମନ୍ଦିର ଓ ତା'ର ନୈସର୍ଗିକ ଶୋଭା ସୌନ୍ଦର୍ଯ୍ୟ, ଯୋରନ୍ଦାଠାରେ ମହିମା ଧର୍ମର ଶୂନ୍ୟ ମନ୍ଦିର, ସପ୍ତଶର୍ଯ୍ୟାର ସବୁଜ ବନାନୀ ଆମ ସଂସ୍କୃତିର ଗୋଟିଏ ଗୋଟିଏ ଅକ୍ଷୟ ସ୍ମାରକୀ । ସମ୍ପ୍ରତି ଜିଲ୍ଲାର ୨୦୦୧ ମସିହା ଜନଗଣନା ଅନୁସାରେ ସର୍ବମୋଟ ୧୦ ଲକ୍ଷ ୮୭ ହଜାର ୯୭୩ ଲୋକ ବସବାସ କରିଆସୁଛନ୍ତି । ଜିଲ୍ଲାର ସମ୍ପୃକ୍ତ ୮ ଗୋଟି ବ୍ଲକ୍ ଏବଂ ୩ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦର ପରିପାର୍ଶ୍ୱ ଅବସ୍ଥା ଏବଂ ସାମାଜିକସ୍ଥିତି କୌଣସି ଦୃଷ୍ଟିରୁ ଊଣା ପରିଲକ୍ଷିତ ହୁଏ ନାହିଁ ।

ଅଧୁନା ଜିଲ୍ଲା ପ୍ରଶାସନ ରାଜ୍ୟ ପ୍ରଗତିର ରଥଚକ ସହ ତାଳ ଦେଇ ଆଗେଇ ଚାଲିଛି ଏବଂ ସମସ୍ତ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ଫଳପ୍ରସୂ କରିବା ପାଇଁ ପ୍ରୟାସ ଜାରି ରଖିଛି । ଚଳିତ ବର୍ଷ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନାରେ ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୧୬୧୫ ଗୋଟି ପରିବାରଙ୍କ ଆର୍ଥିକ ବିକାଶ ପାଇଁ ଗୋପାଳନ, ଛେଳିପାଳନ, ପନିପରିବା ଏବଂ ଛତୁଚାଷ କରିବା ନିମନ୍ତେ ୩୩୫ ଲକ୍ଷ ୨୦ ହଜାର ଟଙ୍କା ବ୍ୟାଙ୍କ ଋଣ ଯୋଗାଇ ଦିଆଯାଇଛି । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ସମ୍ପୂର୍ଣ୍ଣ ଗ୍ରାମୀଣ ସ୍ୱରୋଜଗାର ଯୋଜନାରେ ୬୯୦ ଲକ୍ଷ ୩୦ ହଜାର ଟଙ୍କା ସହିତ ୫୨୮୦,୪୧ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ବିନିଯୋଗ କରାଯାଇ ୧୨୮୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ୬୧୪୨ କି.ମି.ର ୩୩୦ ଗୋଟି କଂକ୍ରିଟ୍ ରାସ୍ତା ଏବଂ ୨୦୦ ଗୋଟି ଦୋକାନ ଘର ନିର୍ମାଣ କରାଯାଇଛି । ଲୋକମାନଙ୍କର ଥାଇଥାନ ନିମନ୍ତେ ଇନ୍ଦିରା ଆବାସ ଯୋଜନାରେ ୪୭୫,୩୬ ଲକ୍ଷ ଟଙ୍କା ବ୍ୟୟରେ ୧୬୫୬ ଗୋଟି ଘର ନିର୍ମାଣ କରାଯାଇ ୧୬୫୬ ଗୋଟି ଗରିବ ପରିବାରଙ୍କୁ ଯୋଗାଇ ଦିଆଯାଇଛି ଏବଂ ଜାତୀୟ ଖାଦ୍ୟ ବିନିମୟ କାମ ଯୋଜନାରେ ବର୍ତ୍ତମାନ ୭୬୬,୬୮ ଲକ୍ଷ ଟଙ୍କା ଏବଂ ୭୩୭,୦୯ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ




ବିନିଯୋଗ କରାଯାଇ ୧୩୭୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ୩୨୨ ଗୋଟି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏଥିସହିତ ସାମାଜିକ ସୁରକ୍ଷା ଯୋଜନାରେ ୨୨,୩୦୬ ଜଣଙ୍କୁ ରାଜ୍ୟ ବାର୍ଦ୍ଧକ୍ୟଭତ୍ତା ଏବଂ ୧୭୪ଟି ପରିବାରଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଅସହାୟ ଲୋକମାନଙ୍କ ପାଇଁ ବିକଳାଙ୍ଗ କଲ୍ୟାଣ ଯୋଜନା ମାଧ୍ୟମରେ ୩୭୦୪ ଜଣଙ୍କୁ ବିକଳାଙ୍ଗ ଭତ୍ତା, ୨୦୨ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ଏବଂ ୨୩ ଜଣଙ୍କୁ ୩ ଚକିଆ ସାଇକେଲ ଯୋଗାଇ ଦିଆଯାଇଛି ।

ନାରୀ ହେଉଛି ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେ ଜାୟା, ଜନନୀ, ଭଗିନୀ ଏବଂ କନ୍ୟା ରୂପରେ ପରିବାର ଏବଂ ଦେଶର ସେବା କରେ । ସେମାନଙ୍କର ବିକାଶରେ ରାଜ୍ୟ ତଥା ଦେଶର ହିତ ସାଧିତ ହୋଇଥାଏ । ଏହି ମହିଳାମାନଙ୍କୁ ନେଇ ମହିଳା କଲ୍ୟାଣ ଯୋଜନା ମାଧ୍ୟମରେ ୧୬୦୧ ଜଣଙ୍କୁ ବାଳିକା ସମୃଦ୍ଧି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ମିଶନ୍ ଶକ୍ତି ଦ୍ୱାରା ୨୨୨୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ସୃଷ୍ଟି କରାଯାଇ ୨୫,୧୩୦ ଜଣ ମହିଳାଙ୍କୁ ପଞ୍ଜିକରଣ କରାଯାଇଛି, ସେଥିମଧ୍ୟରୁ ୨୧୦୬ଟି ଗୋଷ୍ଠୀଙ୍କୁ ୯୧୬ ଲକ୍ଷ ୯୧ ହଜାର ଟଙ୍କା କ୍ରେଡ଼ିଟ୍ କରାଯାଇଛି ଏବଂ ୨୦୮୯ଟି

ଗୋଷ୍ଠୀଙ୍କୁ ଉନ୍ନତ ଶ୍ରେଣୀଭୁକ୍ତ କରାଯାଇ ୫୯୧ଟି ଗୋଷ୍ଠୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖୁଚୁରା ଦୋକାନ, ୧୯ଟି ଗୋଷ୍ଠୀଙ୍କୁ ସବ-ହୋଲସେଲର, ୯୬୫ ଜଣଙ୍କୁ ମଧ୍ୟାହ୍ନ ଭୋଜନ ତିଆରିରେ ନିଯୁକ୍ତିର ସୁବିଧା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୮୦ ଜଣଙ୍କୁ ସ୍ୱତନ୍ତ୍ର ପୋଲିସ୍ କ୍ଷମତା ଦିଆଯାଇଥିବା ୩୦ ଗୋଟି କ୍ଲଷ୍ଟର ସଂଘ ୮ ଗୋଟି ବ୍ଲକ୍‌ରେ ଫେଡ଼େରେସନ୍ ସୃଷ୍ଟି କରାଯାଇଛି ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୯୭୧ଟି ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୮୬,୯୬୧ ଜଣଙ୍କୁ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ୧୬୭୪ ଗୋଟି ବିଦ୍ୟାଳୟର ୧୪୫୦୦୩ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବାବେଳେ, ଜୁଲାଇ ମାସଠାରୁ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀମାନଙ୍କ ପୁଷ୍ଟି ସାଧନ ନିମନ୍ତେ ସିଝା ଅଣ୍ଡା ଦିଆଯାଉଛି । ସ୍ୱାସ୍ଥ୍ୟ ହିଁ ସମ୍ପଦ । ଜଣେ ସୁସ୍ଥ ନାଗରିକ ହିଁ ପ୍ରଗତିର ସୂତ୍ରଧର ହୋଇପାରିବ । ଜିଲ୍ଲାର ଚିକିତ୍ସା ବିଭାଗ ପକ୍ଷରୁ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ  ମାଧ୍ୟମରେ ଶତକଡ଼ା ୯୩ ଭାଗ ଗର୍ଭବତୀ ମହିଳାଙ୍କୁ ଟିଟାନସ୍ ଇଞ୍ଜେକସନ୍ ଏବଂ ୧୦୦ ଭାଗ ଡି.ପି.ଟି., ୧୦୦ ଭାଗ ପୋଲିଓ, ୧୦୧ ଭାଗ ବି.ସି.ଜି. ଏବଂ ୯୬ ଭାଗ ମିଳିମିଳା ଟୀକା ଦିଆଯାଇଛି । ଏଥିସହିତ ରେଡକ୍ରସ ରକ୍ତ ଭଣ୍ଡାରରେ ୬୬୮ ରକ୍ତ ବୋତଲ ସଂଗ୍ରହ ମଧ୍ୟରୁ ୪୯୮ ବୋତଲ ସ୍ୱେଚ୍ଛାକୃତ, ୧୩୦ ବୋତଲ ବିନିମୟ ରକ୍ତ ସଂଗ୍ରହ, ୮ ଗୋଟି ରକ୍ତଦାନ ଶିବିର କରାଯାଇ ୭୯% ସଫଳତା ହାସଲ କରାଯାଇଛି । ଗତ ଜାନୁଆରୀ ମାସ ୩୦ ତାରିଖରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୬୭୪ ବୋତଲ ରକ୍ତ ସଂଗ୍ରହ କରାଯାଇଛି ।

ସୁସ୍ଥ ଓ ନିରୋଗ ଜୀବନଯାପନ ପାଇଁ ବିଶୁଦ୍ଧ ଜଳ ଓ ଉତ୍ତମ ପରିମଳ ବ୍ୟବସ୍ଥା ଏକାନ୍ତ ଅପରିହାର୍ଯ୍ୟ । ଢେଙ୍କାନାଳକୁ ଏକ ରୋଗମୁକ୍ତ ତଥା ସୁସ୍ଥ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତ ବିଦ୍ୟାଳୟ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବ୍ୟକ୍ତିବିଶେଷଙ୍କ ଘରମାନଙ୍କରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏଥିସହିତ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥା ମାଧ୍ୟମରେ ୮୧୨ ଗୋଟି ନଳକୂପ ଖନନ କରାଯାଇଛି ଏବଂ ସ୍ୱଜଳଧାରା ଯୋଜନାରେ ଅନୁମୋଦିତ ୩ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବାବେଳେ, ଘରବାଡ଼ି ଯୋଜନାରେ ଜିଲ୍ଲାର ୧୬୬୧୬ ଏକର ଘରଡିହ ୪୩୬୩ ଗୋଟି ପରିବାରଙ୍କୁ ଯୋଗାଇ ଦିଆଯାଇଛି । ଓଡ଼ିଶାରେ ପ୍ରଥମ କରି ନାଗରିକ ସୂଚନା କେନ୍ଦ୍ର 'କିଓସ୍କ' ଜିଲ୍ଲା କାର୍ଯ୍ୟାଳୟରେ ସ୍ଥାପନ କରାଯାଇ ଜନସାଧାରଣମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ସେବା ଯୋଗାଇ ଦିଆଯାଉଛି । ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୬ ଗୋଟି ପ୍ରକଳ୍ପ ଶେଷ କରାଯାଇ ୨୮.୬୬ କି.ମି. ପିଚୁରାସ୍ତା ଏବଂ ୨୩୭୨ କି.ମି. କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ।

ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଯୋଜନାର ଅଗ୍ରଗତି, ସଫଳତା, ଅନାହାର ମୃତ୍ୟୁ ଏବଂ ଯେକୌଣସି ପରିସ୍ଥିତିର ଜରୁରୀ ମୁକାବିଲା କରିବା ନିମନ୍ତେ ପଞ୍ଚାୟତ ସ୍ତରଠାରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମନ୍ୱୟ ପରିଚାଳନା ପଦ୍ଧତି କାର୍ଯ୍ୟକାରୀ କରାଯାଉଛି । ଜିଲ୍ଲାକୁ ଏକ ଶ୍ରେଷ୍ଠ ସମୃଦ୍ଧ ଜିଲ୍ଲା ଭାବେ ପରିଣତ କରିବାକୁ ଢେଙ୍କାନାଳର ପ୍ରତ୍ୟେକ ଜନସାଧାରଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଉପଖଣ୍ଡ ସୂଚନା ଅଧିକାରୀ
ହିନ୍ଦୋଳ, ଢେଙ୍କାନାଳ

## ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ହାଇଦ୍ରାବାଦର କଳିଙ୍ଗ ସାଂସ୍କୃତିକ ସମିତିର ଆଜୀବନ ସଦସ୍ୟ ହେଲେ

ରାଜ୍ୟ ସୂଚନା ଓ ଲୋକ ସଂପର୍କ ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକଙ୍କୁ ହାଇଦ୍ରାବାଦର କଳିଙ୍ଗ ସାଂସ୍କୃତିକ ସମିତିର ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇଛି । ହାଇଦ୍ରାବାଦରେ ସମିତିର କୋଷାଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମିତିର ଏକ ବୈଠକରେ ଏ ସଂକ୍ରାନ୍ତରେ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମିତି ପକ୍ଷରୁ ନିର୍ମାଣ କରାଯାଉଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ କଳିଙ୍ଗ ହାଉସ୍‌କୁ ମନ୍ତ୍ରୀ ଶ୍ରୀ ନାୟକ ପରିଦର୍ଶନ କରି ୧୦ ହଜାର ଟଙ୍କା ଦାନ କରିଛନ୍ତି । ମନ୍ଦିର ନିର୍ମାଣ ନିମନ୍ତେ ଅଧିକ ସାହାଯ୍ୟ ଯୋଗାଇ ଦେବାକୁ ମଧ୍ୟ ମନ୍ତ୍ରୀ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପରିଦର୍ଶନ ସମୟରେ ସମିତିର ଅଧ୍ୟକ୍ଷ ସି.ଆର୍. ବିଶ୍ୱାଳ, ସାଧାରଣ ସଂପାଦକ ପ୍ରଦୀପ୍ କୁମାର ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।